ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୧୭**

# ବିହାର ନିର୍ବାଚନର ମୁଖ୍ୟ ଫୋକସ୍ ମହିଳା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତିରେ ବର୍ତ୍ତମାନ ତୀବ୍ର ଗତିବିଧି ଦେଖାଯାଉଛି । ଜାତୀୟ ଗଣତାନ୍ତ୍ରୀକ ମେଂଟ (ଘଡଇ) ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧ ଚାଲିଛି, ନୀତିଶ କୁମାରଙ୍କ ଜନତା ଦଳ (ୟୁନାଇଟେଡ୍), ତେଜସ୍ୱୀ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ ଏବଂ ଚିରାଗ ପାସୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଭଳି ପ୍ରମୁଖ ଖେଳାଳିମାନେ କ୍ଷମତା ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ମୁଖ୍ୟ ଘଟଣା - ସିଟ୍ ବଂଟନ ଆଲୋଚନା : (ଘଡଇ) ଆସନ ବଂଟନ ବ୍ୟବସ୍ଥାକୁ ଚୂଡାନ୍ତ କରିଛି, ଭାରତୀୟ ଜନତା ପାର୍ଟି (ଈଔଚ))ଏବଂ ଔଡ(ଟ) ପ୍ରତ୍ୟେକ ୧୦୧ ଆସନରେ ପ୍ରତତିଦ୍ୱନ୍ଦିତା କରୁଛନ୍ତି, ଯେତେବେଳେ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ୨୯ ଆସନରେ ପ୍ରତିଦ୍ୱନ୍ଦିତା କରିବେ । ବିରୋଧୀ ଗତିଶୀଳତା : ଜଔଡ ଏବଂ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍ ନିଜର ଭୋଟ ବ୍ୟାଙ୍କକୁ ସୁଦୃଢ କରିବାକୁ ଚେଷ୍ଟା କରୁଛି, ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ସମର୍ଥନ ସଂଗ୍ରହ କରିବା ଲକ୍ଷ୍ୟରେ । ଜାତି ରାଜନୀତି : ଜାତିଗତ ଗତିଶୀଳତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ବିଜେପି ଏବଂ ଜେଡି(ୟୁ) ଭଳି ଦଳଗୁଡିକ ସେମାନଙ୍କର ପାରମ୍ପରିକ ଭୋଟ ଆଧାରକୁ ସୁଦୃଢ କରିବାକୁ ଚେଷ୍ଟା କରୁଛନ୍ତି । ନିର୍ବାଚନ କମିଶନଙ୍କ ଭୂମିକା : ନିର୍ବାଚନ କମିଶନ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି, ନଭେମ୍ବର ୬ ଏବଂ ୧୧ରେ ମତଦାନ ଏବଂ ନଭେମ୍ବର ୧୪ରେ ଫଳାଫଳ ସ୍ଥିର କରାଯାଇଛି । ଚ୍ୟାଲେଞ୍ଜ ଏବଂ ସୁଯୋଗ : ଏନଡିଏର ସମ୍ଭାବନା : ସ୍ଥିର ମେଂଟ ଏବଂ ପ୍ରଶାସନିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଏନଡିଏର ସମ୍ଭାବନା ଆଶାଜନକ ମନେହୁଏ । ତଥାପି, ଶାସନ ବିରୋଧୀ ଏବଂ ଆଭ୍ୟନ୍ତରୀଣ ଅସନ୍ତୋଷ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ବିରୋଧୀଙ୍କ ରଣନୀତି : ବିରୋଧୀ ଦଳ ବେକାରୀ, ଦୁର୍ନୀତି ଏବଂ ଆଇନ ଶୃଙ୍ଖଳା ଭଳି ପ୍ରସଙ୍ଗକୁ ପୁଞ୍ଜି କରିବାକୁ ଚେଷ୍ଟା କରୁଛି, ତେଜସ୍ୱ ଯାଦବ ଜଣେ ପ୍ରମୁଖ ନେତା ଭାବରେ ଉଭା ହୋଇଛନ୍ତି । ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି : ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱରେ ଜନ ସୁରାଜ ପାର୍ଟି ନିର୍ବାଚନୀ ଦୃଶ୍ୟପଟରେ ଏକ ନୂତନ ଗତିଶୀଳତା ଯୋଡିଛି, ଯାହା ଭୋଟର ଭାବନାକୁ ପ୍ରଭାବିତ କରିବାର ସମ୍ଭାବନା ସୃଷ୍ଟି କରୁଛି । ଭବିଷ୍ୟତର ସମ୍ଭାବନା : ନିର୍ବାଚନର ଫଳାଫଳ ବିହାର ରାଜନୀତିର ଭବିଷ୍ୟତକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବ, ଯାହା ଜାତୀୟ ରାଜନୀତି ପାଇଁ ପ୍ରଭାବ ପକାଇବ । ଏହି ନିର୍ବାଚନରେ (ଘଡଇ)ଏବଂ ଭାରତ ବ୍ଲକ ମଧ୍ୟରେ ଏକ ଘନିଷ୍ଠ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଲଢେଇ ହେବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାରତ ପାଇଁ ଦୃଷ୍ଟିକୋଣ ବହୁମୁଖୀ , ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ତାଙ୍କ ଦୃଷ୍ଟିକୋଣରେ ପ୍ରମୁଖ ଦିଗଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ - ବିକ୍ଷିତ ଭାରତ ୨୦୪୭ : ଏକ ଶକ୍ତିଶାଳୀ ଅର୍ଥନୀତି, ଉନ୍ନତ ଭିତିଭୂମି ଏବଂ ଉଚ୍ଚ ଜୀବନଧାରଣ ମାନ ସହିତ ଏକ ବିକଶିତ ଭାରତ । ସ୍ୱୟଂନିର୍ଭରଶୀଳତା : ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଘରୋଇ ଉତ୍ପାଦନ. ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା । ନିରନ୍ତର ବିକାଶ : ସ୍ଥାୟୀ ଅଭ୍ୟାସ, ନବୀକରଣୀୟ ଶକ୍ତି ଏବଂ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିବା । ମାନବ କେନ୍ଦ୍ରିକ ବିକାଶ : ନାଗରିକ, ବିଶେଷକରି ଯୁବପିଢି ଏବଂ ମହିଳାମାନଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବା । ପ୍ରଯୁକ୍ତିବିଦ୍ୟା ଉନ୍ନତି, ଅଭିବୃଦ୍ଧି ଏବଂ ପ୍ରଗତିକୁ ଆଗେଇ ନେବା ପାଇଁ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା ଏବଂ ନବସୃଜନର ଉପଯୋଗ କରିବା । ମୋଦିଙ୍କ ଦୃଷ୍ଟିକୋଣ ଅନ୍ତର୍ଗତ କିଛି ଉଲ୍ଲେଖନୀୟ ପଦକ୍ଷେପ ମଧ୍ୟରେ ରହିଛି । ଡିଜିଟାଲ ଇଣ୍ଡିଆ : ଡିଜିଟାଲ ଭିତିଭୂମି, ଡିଜିଟାଲ ପେମେଂଟ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ପ୍ରୋତ୍ସାହିତ କରିବା । ମେକ୍ ଇନ୍ ଇଣ୍ଡିଆ : ଘରୋଇ ଉତ୍ପାଦନ ଏବଂ ଉଦ୍ୟୋଗକୁ ଉତ୍ସାହିତ କରିବା । ଷ୍ଟାର୍ଟଅପ୍ ଇଣ୍ଡିଆ : ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀଙ୍କୁ ସମର୍ଥନ କରିବା । ଗଗନୟାନ ମିଶନ : ସ୍ୱଦେଶୀ ମହାକାଶ ପ୍ରଯୁକ୍ତିବିଦ୍ୟା ବିକାଶ କରିବା ଏବଂ ଭାରତୀୟ ମହାକାଶଚାରୀମାନଙ୍କୁ ମହାକାଶକୁ ପଠାଇବା । ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ : ଶକ୍ତି, ଶିଳ୍ପ ଏବଂ ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ଖଣିଜ ପଦାର୍ଥର ପ୍ରବେଶ ସୁନିଶ୍ଚିତ କରିବା । ସ୍ୱଚ୍ଛ ଶକ୍ତି : ୨୦୩୦ ସୁଦ୍ଧା ୫୦% ସ୍ୱଚ୍ଛ ଶକ୍ତି, କ୍ଷମତା ହାସଲ କରିବା ଏବଂ ସବୁଜ ଗତିଶୀଳତାକୁ ପ୍ରୋତ୍ସାହିତ କରିବା । ମୋଦୀଙ୍କ ଦୃଷ୍ଟିକୋଣ : ସେବା (ସାର୍ବଜନୀନ ସେବା) : ନାଗରିକଙ୍କ କଲ୍ୟାଣ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ । ସୁଶାସନ(ସୁଶାସନ) : ଦକ୍ଷ, ସ୍ୱଚ୍ଛ ଏବଂ ଉତରଦାୟୀ ଶାସନ ସୁନିଶ୍ଚିତ କରିବା । ସାମଗ୍ରିକ ଭାବରେ, ମୋଦୀଙ୍କ ଦୃଷ୍ଟିକୋଣ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ସମ୍ମାନଜନକ ରାଷ୍ଟ୍ର କରିବା, ଏହାର ଜନସଂଖ୍ୟାଗତ ଲାଭାଂଶ, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ବିଶ୍ୱ ପ୍ରଭାବକୁ ବ୍ୟବହାର କରି ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ସମ୍ମାନଜନକ ରାଷ୍ଟ୍ର କରିବା ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ନିର୍ବାଚନରେ ମହିଳା ଶକ୍ତି ଉପରେ ଗୁରୁତ୍ୱ ଦେଇଥିବା କଥା ତାଙ୍କ ସରକାରଙ୍କ ପଦକ୍ଷେପ ଏବଂ ସାଧାରଣ ଭାଷଣ ମାଧ୍ୟମରେ ସ୍ପଷ୍ଟ ହୋଇଛି । ବିହାର ବିଜେପି ବୁଥ୍ କର୍ମୀଙ୍କ ସହ ଏକ ଆଲୋଚନା ସମୟରେ, ମୋଦୀ କହିଥିଲେ ଯେ ନାରୀ ଶକ୍ତି ହେଉଛି ମୋର ସବୁଠାରୁ ବଡ ଶକ୍ତି, ଢାଲ ଏବଂ ପ୍ରେରଣା । ଏହି ଭାବନା ସରକାରଙ୍କ ନୀତିରେ ପ୍ରତିଫଳିତ ହୋଇଛି, ବିଶେଷକରି ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା, ଯାହା ବିହାରର ୭୫ଲକ୍ଷ ମହିଳାଙ୍କୁ ପ୍ରତ୍ୟେକଙ୍କୁ ୧୦୦୦୦ଟଙ୍କା, ଯାହା ମୋଟ ୭୫୦୦କୋଟି ଟଙ୍କା । ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ - ଆର୍ଥିକ ସହାୟତା : ପ୍ରତି ପରିବାରରେ ଜଣେ ଯୋଗ୍ୟ ମହିଳାଙ୍କୁ ଆତ୍ମନିଯୁକ୍ତି କିମ୍ବା ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ୧୦୦୦୦ ଟଙ୍କା ପ୍ରଦାନ କରାଯାଏ । ଅତିରିକ୍ତ ସହାୟତା : ହିତାଧିକାରୀମାନେ ସେମାନଙ୍କର ଉଦ୍ୟୋଗୀ ଉଦ୍ୟମକୁ ବିସ୍ତାର କରିବା ପାଇଁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ପାଣ୍ଠି ପାଇପାରିବେ । ତାଲିମ ଏବଂ ସମର୍ଥନ : ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ବଳ ବ୍ୟକ୍ତିମାନେ ମହିଳାମାନଙ୍କୁ ସ୍ଥାୟୀ ବ୍ୟବସାୟ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ତାଲିମ ଏବଂ ମାର୍ଗଦର୍ଶନ ପ୍ରଦାନ କରିବେ । ମାର୍କେଟିଂ ସମର୍ଥନ : ସାମଗ୍ରୀ ଏବଂ ସେବା ବିକ୍ରୟକୁ ସହଜ କରିବା ପାଇଁ ଗ୍ରାମୀଣ ହାଟ(ଗ୍ରାମୀଣ ବଜାର)କୁ ସୁଦୃଢ କରାଯିବ । ମହିଳା ଭୋଟରଙ୍କ ଉପରେ ପ୍ରଭାବ ଏହି ଯୋଜନା ବିହାରର ମହିଳା ଭୋଟରମାନଙ୍କ ସହିତ ପ୍ରତିଧ୍ୱନିତ ହୋଇଛି, ଯେଉଁମାନେ ରାଜ୍ୟର ନିର୍ବାଚନୀ ଦୃଶ୍ୟପଟ୍ଟରେ କ୍ରମଶଃ ଏକ ନିର୍ଣ୍ଣାୟକ କାରଣ ହୋଇଯାଉଛନ୍ତି । ଅନେକ ମହିଳା ହିତାଧିକାରୀ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି, କହିଛନ୍ତି ଯେ ଆର୍ଥିକ ସହାୟତା ମହିଳା ସଶକ୍ତିକରଣ ପାଇଁ ମୋଦିଙ୍କ ଦୃଷ୍ଟିକୋଣ ମୋଦୀଙ୍କ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ନିର୍ବାଚନୀ ରାଜନୀତି ବାହାରେ ବିସ୍ତାରିତ । ସେ ବିଶ୍ୱାସ କରନ୍ତି ଯେ ଭାରତର ବିକାଶ ପାଇଁ ମହିଳାଙ୍କ ପ୍ରଗତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମହିଳା ସଶକ୍ତିକରଣ, ଶିକ୍ଷା ଏବଂ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି । ମହିଳା ସଶକ୍ତିକରଣ ଉପରେ ଏ୨୦ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଏକ ଭାଷଣରେ, ମୋଦି ଭାରତରେ ମହିଳା-ନେତୃତ୍ୱାଧୀନ ପଦକ୍ଷେପ ଏବଂ ନୀତିଗୁଡିକର ଉଦାହରଣ ଦେଇ ମହିଳା-ନେତୃତ୍ୱାଧୀନ ବିକାଶ ଆଭିମୁଖ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ନିଷ୍କର୍ଷ ବିହାର ନିର୍ବାଚନରେ ମହିଳା ଶକ୍ତି ଉପରେ ମୋଦିଙ୍କ ଧ୍ୟାନ ମହିଳା ଭୋଟ ବ୍ୟାଙ୍କକୁ ବ୍ୟବହାର କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାପାଇଁ ଏକ ବ୍ୟାପକ ରଣନୀତିକୁ ପ୍ରତିଫଳିତ କରେ । କିଛି ସମାଲୋଚକ ଆର୍ଥିକ ସହାୟତା ଯୋଜନାକୁ ରାଜନୈତିକ ଭାବରେ ଗଣନା କରାଯାଇଥିବା ପଦକ୍ଷେପ ଭାବରେ ଦେଖନ୍ତି, ଅନ୍ୟମାନେ ଏହାକୁ ମହିଳା ସଶକ୍ତିକରଣ ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପଦକ୍ଷେପ ଭାବରେ ଦେଖନ୍ତି । ଆଗାମୀ ନିର୍ବାଚନ ଏବଂ ବିହାରର ମହିଳାଙ୍କ ଜୀବନ ଉପରେ ଏହି ପଦକ୍ଷେପର ପ୍ରଭାବ ଦେଖିବାକୁ ବାକି ଅଛି ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# କଟକ ସହରବାସୀଙ୍କୁ ଦୁଇପଦ



ବିଜୟ କୁମାର ପୃଷ୍ଟି

ଇଏ ହେଉଛି ଆମ ହଜାର ବର୍ଷର ସହର କଟକ । କେବଳ ଭାରତ ନୁହେଁ ଭାରତ ବାହାରେ କଟକ ସହରକୁ ଅନେକ ଜାଣନ୍ତି । ଏହି ଐତିହାସିକ ସହରର ଦୁଇ ପଟେ ମହାନଦୀ ଓ କାଠଯୋଡ଼ି । କଟକ ମାଟିରେ ଅନେକ କାଳଜୟୀ, କୃତୀପୁରୁଷ, ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିବା ବ୍ୟକ୍ତିତ୍ୱଙ୍କର ଅଭାବ ନାହିଁ । ବିଶ୍ୱର ବିରଳ ଏହି ସହରର ନିଆରା ପଣ ହେଉଛି ସବୁ ଧର୍ମର ସମନ୍ୱୟ । ଜଣେ ସକାଳୁ ଉଠିଲେ ଏ ସହରକୁ ଟିକିଏ ବୁଲି ଆସିଲେ ବେଶ ଭଲ ଭାବରେ ସେ ବୁଝିପାରିବ । ମନେ ପଡୁଛି ପ୍ରତିଥଯଶା ବ୍ୟଙ୍ଗହାସ୍ୟ ଶିରୋମଣି ସ୍ୱର୍ଗତଃ ଫତୁରାନନ୍ଦ ଏକଦା କହିଥିଲେ କଟକ ସହରରେ ଆଲାରାମ ଘଡ଼ିର ଆବଶ୍ୟକତା ନାହିଁ । ଏଠି ଭୋରୁ ଭୋରୁ ଆଲାରାମ ସ୍ୱତଃ ବାଜି ଉଠେ । କଟକର ବାଉନ ବଜାର ତେପନ ଗଳି ଭିତରେ କେଉଁଠି 'ରାମ ରାମ ହରେ ହରେ ତ କେଉଁ ଗଳିରେ ଆଲ୍ଲା ହୋ ଆକବର' । କହିବାକୁଗଲେ ଆଲାରାମ କଟକିଆଙ୍କ ନିଦ ଯେପରି ଭାଙ୍ଗି ଦେଇଥାଏ ତା'ପରେ ସହର ଆରମ୍ଭ ହୁଏ ଛକ ମୁଣ୍ଡର ଚା'ଖଟିର ଆସରରୁ । ଏଠି ଚା'ଖଟିଟି ଖାଲି ଚା'ପିଇବା ଲୋକଙ୍କର ମେଳଣ ଯାଗା ନୁହେଁ ଡ଼ିଙ୍କିଶାଳରୁ ଢ଼େଙ୍କାନାଳ କିମ୍ବଦନ୍ତୀ ବିଜୁ ବାବୁଙ୍କ ଠାରୁ ମୋହନ ମାଝୀ, ସେ ଟ୍ରମ୍ପ ହୁଅନ୍ତୁ ବା ୟୁକ୍ରେନ ଯୁଦ୍ଧ କେଉଁ ପ୍ରସଙ୍ଗ ମଧ୍ୟ ବାଦ ପଡ଼େନା ଏ ସବୁ ଭିତରେ ପୁରୁଣାକାଳିଆର ରେଡ଼ିଓରେ ସେହି ମୋଟା ଗଳାର ସମ୍ବାଦର ଶବ୍ଦ ଗୁଡ଼ିକ କାନ ଗହ୍ୱରରେ ପଡ଼ିଥାଏ । ଓଡ଼ିଆ ଜାକର ତମାମ ଦୈନିକ ଖବରକାଗଜ ଭୋରୁ ଭୋରୁ ପହ*ଯାଏ । ତେବେ ଅଦ୍ଭୁତ କଥା ହେଉଛି ଖବର କାଗଜର କିଏ ଆତ୍ମହତ୍ୟା କରିଛି ତ କେଉଁଠି ବ୍ରହ୍ମକମଳ ଫୁଟିଛି ଏ ସବୁ କାଗଜରେ ପ୍ରକାଶ ପାଇବା ପୂର୍ବରୁ କିନ୍ତୁ ଚା'ଖଟିର ସମ୍ବାଦ ଆସରରେ ଆଗେ ପଡ଼ିଯାଏ ।

ଏହି ବିଚିତ୍ର ସହରର ଜୀବନଚକ୍ର ଏକ ସ୍ୱାଭାବିକ ପ୍ରବାହମାନ ଧାରା ପରି ଚାଲିଥାଏ । ଓଡ଼ିଆ ଭାଇଟି ବରା ପିଆଜି ଗୁଲଗୁଲା ପ୍ରସ୍ତୁତି କଲାବେଳକୁ ମୁସଲିମ ଭାଇଟି ତା ନୀତି ବେଉସା ଭିତରେ ଖାସି କାଟିବାରେ ଲାଗିଗଲାଣି । ଦିନ ତମାମ ସମସ୍ତେ ନିଜ ନିଜ ବେପାର ବଣିଜକୁ ନେଇ ବ୍ୟସ୍ତ ଥାଆନ୍ତି । ପୁଣି ମୁହଁ ସଞ୍ଜ ହେଲାବେଳେ ଆସର ଜମେ ଚା'ଖଟିର ଇଏ ହେଉଛି କଟକ ସହର, ଭାଇଚାରାର, ଅତୁଟ ଭାଇ ବନ୍ଧନର ସହର । ଏଠି ଓଡ଼ିଆ ହେଉ କି ବଙ୍ଗାଳୀ, ମୁସଲମାନ ହେଉ କି ଖ୍ରୀଷ୍ଟିଆନ, ପଞ୍ଜାବୀ ହେଉ ବା ଯେ କହି ସମସ୍ତେ ଏଠି ଭାଇ ଭାଇ । ଇଏ ହେଉଛି କଟକର ଆରାଧ୍ୟ ଦେବୀ ମା'କଟକ ଚଣ୍ଡୀ ଓ ଗଡ଼ଚଣ୍ଡୀଙ୍କ ପରମ କୃପା । ବାଟ ଭୁଲି ଖାଲି ପେଟରେ କଟକରେ ଦୁଆର ଘାଟ ଖୋଜି ବୁଲୁଥିବା ଲୋକଟିକୁ କଟକିଆ ଖାଲି ପେଟରେ ଛାଡ଼ି ନଥାନ୍ତି । ଆପଣ ଜଣେ ଜଣେ ରିକ୍ସା ବାଲାଙ୍କୁ ଦେଖିବେ କହିବାକୁଗଲେ ଦିହରେ ପଳାଏ ମାଉଁଶ ନଥିବ କିନ୍ତୁ କି ଖରା କି ବର୍ଷା ଯାତ୍ରୀଙ୍କୁ ନେଇ ନିରାପଦରେ ପହ*ଇ ଦେଇଥାଏ । ମନେପଡୁଛି ଓଡ଼ିଶୀ ସଂଗୀତର ସୁରମଣି ସ୍ୱର୍ଗତ ବାଳକୃଷ୍ଣ ଦାସଙ୍କ କଥା । ଆକାଶବାଣୀ ଥିଲା ତାଙ୍କ କର୍ମସ୍ଥଳୀ ସେଇଠି ଯେଉଁ ରିକ୍ସା ବାଲାଟି ବି ଡାକ ଛାଡ଼ି ଛାଡ଼ି ଯାଏ, ଏପରି ବିରାଟ ବପୁ ବାଲା ଲୋକଙ୍କୁ ବି ସେ ତା ରିକ୍ସାରେ ନେଇପାରେ । କଟକରେ ସମସ୍ତଙ୍କ ଭିତରେ ଟିଙ୍ଗା ରାଜୁ ଭାବେ ପରିଚିତ ଡାକ୍ତର ରାଜୁ ଦାସଙ୍କ କଥାଟିଏ ଉଲ୍ଲେଖ କରୁଛି । ଥରେ ସେ ଏକ ରିକ୍ସାରେ ନିଜ ଘରକୁ ଆସିଲେ । ଓହ୍ଲାଇବା ବେଳେ ରିକ୍ସା ବାଲାଙ୍କୁ ପଚାରିଲେ ଏଇ ଘରଟା କାହାର ତୁମେ ଜାଣିଛ ? ରିକ୍ସା ବାଲା ଚଟାପଟ ଉତର ଦେଇଥିଲା ଇଏ ପରା ଟିଙ୍ଗା ରାଜୁଦାସଙ୍କ ଘର । ଡାକ୍ତର ବାବୁ ହସି ହସି ଘରକୁ ଗଲେ । କଟକ ଭିତରେ ଅନେକ କଥା ରହିଛି ଲେଖି ବସିଲେ ତ ଗ୍ରନ୍ଥ ହେବ ।

କଟକ ସହର ସତରେ ବଡ଼ ବିଚିତ୍ର ସହଯେ ଏ ଶବ୍ଦଟିକୁ ଦେଖନ୍ତୁ । ଏହାର ଦୁଇ ପଟେ 'କ' । ପୁରୁଣା ଐତିହାସିକ ଘଟଣା ପ୍ରବାହ ଏହି ସହରରେ ଅନେକ ଘଟଣ, ଅଘଟଣ ଘଟିଛି । ସେ ସବୁର ସମାଧାନ ବି ହୋଇଛି । ସବୁଠାରୁ ବଡ଼ କଥା ହେଲା କଟକରେ ଭାଇଚାରା ଆଉ ସାହି ମୁରବୀଙ୍କ ସମ୍ମାନର ଗୁରୁତ୍ୱ ଯଥେଷ୍ଟ । ତଥାପି ଦଶହରା ମେଢ଼ ବେଳେ ବଗୁଲିଆ ମାନଙ୍କ ଉତେଜନା ସୃଷ୍ଟିକାରୀ ଘଟଣା ସହରବାସୀଙ୍କୁ କିଛି କ୍ଷଣ ପାଇଁ ମନସ୍ତାପ ଭିତରକୁ ଠେଲି ଦେଇଥିଲା । ଯଦିଓ ପ୍ରଶାସନ ଠାରୁ ସାହି ମୁରବୀ ସମସ୍ତେ ତ୍ୱରିତ ଭାବେ ହାତରେ ହାତ ମିଶାଇ ଏକାଠି ହୋଇ ବସିଲେ ଆଉ ଘଟଣାକୁ ତୁଟାଇ ଦେଲେ । ଇଏ ପରା ଭାଇଚାରାର ସହର । ଏଠି ଜଣେ ଭଡାଟିଆ ଯେଉଁ ସାହିର ହୋଇ ଥାନ୍ତୁନା କାହିଁକି ଅନ୍ୟ କୌଣସି ସାହିର କୌଣସି ଜଣେ ତାଙ୍କୁ ଅସମ୍ମାନ କଲେ ଏହା ଭଡାଟିଆଙ୍କ ପାଇଁ ଯେତେବଡ଼ ସ୍ୱାଭିମାନର ପ୍ରସଙ୍ଗ ହୋଇନଥାଏ ସେ ସାହି ବାସିନ୍ଦାଙ୍କ ପାଇଁ ଏହା ସମ୍ମାନର ପ୍ରସଙ୍ଗ ହୋଇଥାଏ । କଟକରେ ଶାନ୍ତି କମିଟି ରହିଛି, ସବୁ ସାହିର ମୁରବୀମାନେ ଏକାଠି ହୋଇ ଏହାର ସମାଧାନ ବି କରିଆସିଛନ୍ତି । ତେବେ ସୋସିଆଲ ମିଡ଼ିଆ ବା ଗୁଜବକୁ ଆଦୌ ବିଶ୍ୱାସ କରିବା କଥା ନୁହେଁ । ସହରରେ ଶାନ୍ତି ଫେରି ଆସିବା ପାଇଁ ଦାୟିତ୍ୱ ଆମ ସମସ୍ତଙ୍କର । ଯଦିଓ ଷଷ୍ଠ ଦଶନ୍ଧୀରେ କଟକ ସହରରେ ଦଙ୍ଗା କଥା ଶୁଣାଯାଏ କିନ୍ତୁ କଟକ ହେଉଛି ଏପରି ଏକ ଭିନ୍ନ ସହର ଯେଉଁଠି ସାମ୍ପ୍ରଦାୟିକତା ନଥାଏ । ମହାନ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦାର ଗ୍ରହଣୀୟତା ଏଠି ସମସ୍ତଙ୍କ ପାଇଁ ବଡ଼ । ଇଏ ହେଉଛି ସେହି ସହର ଯେଉଁଠି କହିବାକୁଗଲେ ଜଣେ ହିନ୍ଦୁ ଅକ୍ଷୟ ମହାନ୍ତି, ଜଣେ ମୁସଲମାନ ସିକନ୍ଦର ଆଲାମ ଆଉ ଜଣେ ଖ୍ରୀଷ୍ଟିଆନ ପ୍ରଣବ ପଟ୍ଟନାୟକ, ଏମିତି ଏକ ସମୟ ଥିଲା ଓଡ଼ିଆ ସଂଗୀତ ଜଗତରେ ସେମାନେ ଛାଇ ହୋଇଯାଇଥିଲେ । ହଜାର ବର୍ଷର କଟକ ସହରର ଜଣେ ଖା[ କଟକିଆ ଭାବେ ପାରସ୍ପରିକ ସମ୍ପର୍କକୁ ନଷ୍ଟ ନକରି ଏପରି ଭାଇଚାରା ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏହା ଆମ ସମସ୍ତଙ୍କର ଦାୟିତ୍ୱ ଏହାକୁ ଭୁଲି ଯିବା ଅନୁଚିତ ।

*ସମ୍ପାଦକ, 'ନିରାମୟ', କଟକ,*
*ଦୂରଭାଷ : ୯୮୬୧୪୬୪୯୩୨*

# ମା'କାଳୀ : ମା'ମୋର ଦୀପାନ୍ୱିତା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସନାତନ ହିନ୍ଦୁ ଧର୍ମର ପ୍ରମୁଖ ଦେବୀ ହେଉଛନ୍ତି ମା'କାଳୀ । ସେ ହେଉଛନ୍ତି ଶକ୍ତି ସ୍ୱରୂପିଣୀ ମା'ଦୁର୍ଗାଙ୍କ ଭୟଙ୍କର ସ୍ୱରୂପ । ଅସୁରଙ୍କ ବିନାଶ ଉଦ୍ଦେଶ୍ୟରେ ତାଙ୍କର ଉତ୍ପତି ହୋଇଥିଲା । ସମଗ୍ର ଭାରତବର୍ଷରେ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ପଶ୍ଚିମବଙ୍ଗ ଏବଂ ଆସାମରେ ମା'ଙ୍କ ପୂଜା ପ୍ରବଳ ଉତ୍ସାହ ଏବଂ ଭକ୍ତିଭାବରେ ଆୟୋଜିତ ହୋଇଥାଏ । ମା'କାଳୀଙ୍କ ବ୍ୟୁତ୍ପତି କାଳ ଅଥବା ସମୟ ସହ ହୋଇଛି । କାଳୀ ସମସ୍ତ ଦୁଷ୍ଟ ଶକ୍ତିକୁ ଗ୍ରାସ କରି ନିଅନ୍ତି । ସେ ହେଉଛନ୍ତି, ଦେବୀ ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ ଅନ୍ୟତମ । ଭଗବତୀ ମାତା କାଳୀ ପରମାତ୍ମାଙ୍କ ପରାଶକ୍ତି ଭଗବତୀ ନିରାକାର ହୋଇ ମଧ୍ୟ ପ୍ରତ୍ୟେକ ଯୁଗରେ ଦେବତା ତଥା ସାଧୁସନ୍ଥଙ୍କ ରକ୍ଷା ନିମନ୍ତେ ଅବତାର ଗ୍ରହଣ କରି ଆସିଛନ୍ତି । ତାଙ୍କ ଶରୀର ତାଙ୍କ ଇଚ୍ଛାର ବୈଭବ ବୋଲି କୁହାଯାଏ । ସେ ମହାମାୟା । ତାଙ୍କ ମାୟାର ଗୂଢ଼ ରହସ୍ୟ ଭେଦ କରିବା ଅସମ୍ଭବ । ସମଗ୍ର ବିଶ୍ୱର ସୃଜନ, ପାଳନ ଏବଂ ବିନାଶ ତାଙ୍କରି ହସ୍ତରେ ନିହିତ ରହିଛି । ମା'ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ କାଳୀ ହେଉଛନ୍ତି ପ୍ରଥମା ଶକ୍ତି । ତାଙ୍କର ଅନେକ ରୂପ ରହିଛି । ଯେମିତିକି ମହାକାଳୀ, ଶ୍ମଶାନ କାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି । ଏହି ଶକ୍ତିସ୍ୱରୂପିଣୀ ମା'ଙ୍କ ଆରାଧନା କରୁଥିବା ଭକ୍ତର ଅଶେଷ କଲ୍ୟାଣ ସାଧିତ ହୋଇଥାଏ ।

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ । ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା । ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ । ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା । ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ । ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶୀନି'' । ଏଇ କାଳୀ କିଏ ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ । ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା । ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା ।

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ । ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ । କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସ*ରିତ କରିବା । ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତମ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି । କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ । ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି । କ'ଣ ଗୁଣିତ ହୁଏ । ମା'ଙ୍କର ସତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ । ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ । ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ । ଏହି ଶକ୍ତି ହେଲା ଜୀବନୀ ଶକ୍ତି । ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ । ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି । ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା । ଏହା ହେଉଛି ମା'କାଳୀଙ୍କର ଏକ ରୂପ । ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ । ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ । ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା । ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ରୀ ଓ ବିଧାତ୍ରୀକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା । ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ । ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା । ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି । ତେଣୁ ମା' ରହସ୍ୟାବୃତା ଶିଳାମୂ□ ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ । ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା' ।

ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହ□ଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

*ପ୍ରତିରବ୍ଧିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଜାଲିଆନାବାଲା ବାଗ୍ ଓ ଖିଲାଫତ ଆନ୍ଦୋଳନ



ଗୋପାଳ ମହାପାତ୍ର

ଭାରତର ରାଜନୈତିକ ଇତିହାସ ଏବଂ ଅକ୍ଟୋବର ମାସ ପ୍ରସଙ୍ଗରେ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ମାସର ଗୁରୁତ୍ୱ ରହିଛି । କାରଣ ହେଉଛି ଏହି ମାସର ୨ ତାରିଖରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟ'ୀ ପାଳନ କରାଯାଇଥାଏ । ଦ୍ୱିତୀୟ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ଏହିମାସର ବା ଅକ୍ଟୋବର ୧୭ ତାରିଖରେ ମୁସଲମାନ ମାନେ ଖିଲାଫତ ଆନ୍ଦୋଳନ ଆରମ୍ଭ କରିଥିଲେ । ଗାନ୍ଧୀ ଏବଂ ଖିଲାଫତ ଆନ୍ଦୋଳନ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଦେଶରେ ଯେତିକି ଯେତିକି ସଚେତନତା ବଢିଥିଲା ଲୋକେ ସେତିକି ଗାନ୍ଧୀଙ୍କ ଆଡକୁ ଆକର୍ଷିତ ହୋଇଥିଲେ ଓ ଗାନ୍ଧୀଙ୍କୁ ବୁଝିବା ପାଇଁ ଉଦ୍ୟମ କରିଥିଲେ । ଏହି କାରଣରୁ ୭୫ ବର୍ଷ ପୁର୍ବର ପିଢ଼ୀ ଯେଭଳି ଭାବରେ ଗାନ୍ଧୀଙ୍କୁ ଆଖି ବୁଜି ବିଶ୍ୱାସ କରୁଥିଲେ ଏବେର ପିଢ଼ୀ ଗାନ୍ଧୀଙ୍କୁ ସେମିତି ବିଶ୍ୱାସ କରିପାରୁ ନାହାଁ' । ଏହି କାହାଣୀ ରାଲେଟ ଆକ୍ଟରୁ ଆରମ୍ଭ ହୋଇଛି । ୧୯୧୯ ମସିହା ଫେବୃୟାରୀ ୬ ତାରିଖରେ ତତ୍କାଳୀନ ବ୍ରିଟିଶ୍ ସରକାର କ୍ରା'କାରୀ (ସ୍ୱାଧିନତା ସଂଗ୍ରାମୀ) ମାନଙ୍କ ସ୍ୱାଧିନତା ଆନ୍ଦୋଳନକୁ ଦଳିମକଚି ବିଫଳ କରିବା ପାଇଁ ଏହି ରାଲେଟ ଆକ୍ଟ ପ୍ରଣୟନ କରିଥିଲେ । ଏହି ଆଇନ ଅନୁସାରେ ବ୍ରିଟିଶ ସରକାର ଯେ କୌଣସି ବ୍ୟକ୍ତିକୁ ବିନା ଓ୍ୱାରେ□ରେ ଗିରଫ କରିବା ସହ ଜେଲକୁ ପଠାଇ ପାରୁଥିଲେ । ଇମ୍ପେରିଆଲ ଲେଜିସଲେଟିଭ କାଉନସିଲକୁ ନିର୍ବାଚିତ ହୋଇଥିବା ଭାରତୀୟ ପ୍ରତିନିଧି ଯଥା ମଦନମୋହନ ମାଲବ୍ୟ, ମହମ୍ମଦ ଅଲ୍ଲୀ ଜିନ୍ନା ଏବଂ ମଜହର ଉଲ ହକ ଏହି ଆଇନ ପାଇଁ ଆଗତ ବିଧେୟକ ବିରୁଦ୍ଧରେ କାଉନସିଲରେ ମତଦାନ କରିବା ସହ ଇସ୍ତଫା ଦେଇଥିଲେ ।

୧୯୧୯ ମସିହା ମାର୍ଚ୍ଚ ୩୦ ତାରିଖରେ ଗାନ୍ଧୀ ରାଲେଟ ଆକ୍ଟ କୁ ବିରୋଧ କରି ସତ୍ୟାଗ୍ରହ ଆରମ୍ଭ କରିଥିଲେ । ସତ୍ୟାଗ୍ରହ ଆରମ୍ଭ ହେବା ପୁର୍ବରୁ ଦେଶର ଅନେକ ସ୍ଥାନରେ ବ୍ରିଟିଶ ବିରୋଧି ପ୍ରଦର୍ଶନ ଏବଂ ବିଦ୍ରୋହ ଆରମ୍ଭ ହୋଇଯାଇଥିଲା । ଅମୃତସର ( ପାବ)ର ଦୁଇଜଣ ନେତା ଡ଼କ୍ଟର ସତ୍ୟପାଳ ଏବଂ ସୈଫୁଦ୍ଦିନଙ୍କୁ ଏପ୍ରିଲ ୯ ତାରିଖରେ ବ୍ରିଟିଶ ସରକାର ଗିରଫ କରି କଳାପାଣି ପଠାଇଦେଇଥିଲେ । ବ୍ରିଟିଶ ସରକାରଙ୍କ ଏହି ଗିରଫଦାରୀକୁ ବିରୋଧ କରି ସ୍ଥାନୀୟ ଲୋକମାନେ ଏପ୍ରିଲ ୧୩ ତାରିଖ ବୈଶାଖୀ ଉତ୍ସବ ଅବସରରେ ଜାଲିଆନାବାଲା ବାଗ୍ ଠାରେ ବିରୋଧ ପ୍ରଦର୍ଶନର ଆୟୋଜନ କରିଥିଲେ । ଏହି ବିରୋଧ ପ୍ରଦର୍ଶନକୁ ଭଣ୍ଡୁର କରିବା ପାଇଁ ବ୍ରିଗେଡିୟର ଜେନେରାଲ ରେଜିଲାଲଡ଼ ଡ଼ାୟର ଉପସ୍ଥିତ ଲୋକଙ୍କ ଉପରକୁ ଗୁଳି ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ରିଟିସ ଫୌଜଙ୍କ ଗୁଳିରେ୪୦୦ରୁ ଅଧିକ ଲୋକଙ୍କ ପ୍ରାଣ ଯାଇଥିଲା ଓ ୨ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ । ମୃତକଙ୍କ ମଧ୍ୟରେ ଥିଲେ ୪୧ ନାବାଳକ । ଏହି ଜଘନ୍ୟ ଗୁଳିକାଣ୍ଡ ଜନିତ ହତ୍ୟା ଘଟଣା ଭଗବତସିଂହ ଏବଂ ଉଦ୍ଧମ ସିଂହଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଯିବା ପାଇଁ ପ୍ରେରିତ କରିଥିଲା । ଏଥି ସହିତ ଗଦର ପାର୍ଟି ନାମରେ ସଂଗଠିତ କିଛି ବ୍ରିଟିଶ ବିରୋଧି କ୍ରା'କାରୀ ଅସ୍ତ୍ରଶସ୍ତ୍ର ଚୋରି କରି ଭାରତୀୟ ସୈନିକଙ୍କୁ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଜାଲିଆନାବାଲା ବାଗ ଘଟଣାର ୨୧ବର୍ଷ ପରେ ୧୯୪୦ ମସିହା ମାର୍ଚ୍ଚ ୧୩ ତାରିଖରେ ଉଦ୍ଧମସିଂହ ଲଣ୍ଡନରେ ଜେନେରାଲ ଡ଼ାୟରଙ୍କ ସହଯୋଗୀ ମାଇକେଲ ଡ଼ାୟରକୁ ହତ୍ୟା କରିଥିଲେ । ବ୍ରିଟିଶ ସରକାର ୧୯୪୦ ମସିହା ଜୁଲାଇ ମାସ ୩୧ ତାରିଖରେ ଉଦ୍ଧମ ସିଂହଙ୍କୁ ଫାଶୀ ଦେଇଥିଲେ । ଭାରତର ସ୍ୱାଧିନତା ସଂଗ୍ରାମ ଉପରେ ଜାଲିଆନାବାଲା ବାଗ୍ ହତ୍ୟାକାଣ୍ଡ ଅଧିକ ପ୍ରଭାବ ପକାଇଥିଲା । ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ଏହି ଜଘନ୍ୟ ହତ୍ୟାକାଣ୍ଡକୁ ବିରୋଧ କରି ବ୍ରିଟିଶ ସରକାର ତାଙ୍କୁ ଦେଇଥିବା ନାଇଟହୁଡ଼ ଉପାଧିକୁ ପରିତ୍ୟାଗ କରିଥିଲେ । ଗୋଟିଏ ପଟେ ଜାଲିଆନାବାଲା ବାଗ୍ ହତ୍ୟାକାଣ୍ଡ ପରେ କ୍ରା'କାରୀ ଆନ୍ଦୋଳନ ଅଧିକ ହେବାରେ ଲାଗିଥିଲା ଓ ଅନ୍ୟପଟେ ଗାନ୍ଧୀ ସବୁ ବର୍ଗଙ୍କୁ ନିଜ ସହ ସାମିଲ କରି ଶା' ପୁର୍ବକ ବିରୋଧର ରାସ୍ତା ଆପଣେଇଥିଲେ । କି'ୁ ସେତେବେଳେ ଅଣ କଂଗ୍ରେସ ମୁସଲମାନ ମାନେ ଗାନ୍ଧୀଙ୍କ ଆନ୍ଦୋଳନରେ ଭାଗ ନେବା ପାଇଁ ମନା କରି ଦେଇଥିଲେ । ସେମାନେ ଆନ୍ଦୋଳନରେ ଭାଗ ନନେବାର କାରଣ ଥିଲା ଯେ ଜାଲିଆନାବାଲା ବାଗ୍ ଗୁଳିକାଣ୍ଡରେ ଅଧିକ ସଂଖ୍ୟକ ହିନ୍ଦୁ ଓ ଶିଖ ପ୍ରାଣ ହରାଇଥିଲେ । ଏହି ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମୁସଲମାନଙ୍କ ସଂଖ୍ୟା ନଗଣ୍ୟ ଥିଲା । ଆନ୍ଦୋଳନ ବେଳେ ଲୋକେ ହିଂସାକାଣ୍ଡ ଘଟାଇଥିବା କାରଣରୁ ଗାନ୍ଧୀ ରାଲେଟ ଆକ୍ଟ ବିରୁଦ୍ଧରେ କରିଥିବା ସତ୍ୟାଗ୍ରହ ପ୍ରତ୍ୟାହାର କରିନେଇଥିଲେ । ଅନେକଙ୍କ ମତରେ ଗାନ୍ଧୀ ସେତେବେଳେ ହିଁସାର ବାହାନା କରି ସତ୍ୟାଗ୍ରହ ପ୍ରତ୍ୟାହାର କରିଦେଇଥିଲେ । କି'ୁ ଜାଲିଆନାବାଲା ବାଗ୍ର ଆନ୍ଦୋଳନରେ ଲୋକେ କୌଣସି ହିଁସାକାଣ୍ଡ ଘଟାଇ ନଥିଲେ । ସ୍ଥାନୀୟ ଲୋକେ ରାଲେଟ ଆକ୍ଟ ଏବଂ ସତ୍ୟପାଳ ଓ ସୈଫୁଦ୍ଦିନଙ୍କ ଗିରଫଦାରୀକୁ ଶା'ପୁର୍ଣ୍ଣ ଭାବେ ବିରୋଧ କରିଥିଲେ । ଜାଲିଆନାବାଲା ବାଗ୍ ଗୁଳିକାଣ୍ଡ ଘଟଣା ଉପରେ ବ୍ରିଟିଶ ସରକାର ଏକ କମିଶନ ବସାଇଥିଲେ ଓ ସେଇ କମିଶନ (ହ□ରକମିଶନ)ଙ୍କ ଶୁପାରିଶ କ୍ରମେ ଜେନେରାଲ ଡ଼ାୟାରଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ଅସହଯୋଗ ଆନ୍ଦୋଳନ ଆରମ୍ଭ ପୁର୍ବରୁ ଗାନ୍ଧୀ ମୁସଲମାନ ମାନଙ୍କ ସମର୍ଥନ ହାସଲ କରିବାକୁ ଚାହୁଁଥିଲେ । କି'ୁ ସେତେବେଳେ ଭାରତୀୟ ମୁସଲମାନ ମାନେ ଭାରତର ସ୍ୱାଧିନତା ଅପେକ୍ଷା ତୁର୍କୀର ଇସଲାମିକ ଶାସନର ପ୍ରତୀକ ଖଲିଫାଙ୍କ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ବ୍ରିଟିଶ ସରକାର ଖଲିଫା (ତୁର୍କୀର ସୁଲତାନ)ଙ୍କୁ ତାଙ୍କ ପଦବୀରୁ ହଟାଇବାକୁ ଚାହୁଁଥିଲେ । ଭାରତୀୟ ମୁସଲମାନମାନେ ତୁର୍କୀର ଖଲିଫାଙ୍କ ସପକ୍ଷରେ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରୁଥିଲେ କାରଣ ସେମାନେ ଖଲିଫାଙ୍କୁ ମହମ୍ମଦ ପୈଗମ୍ବରଙ୍କ ଧାର୍ମିକ ଏବଂ ରାଜନୈତିକ ଉ□ରାଧିକାରୀ ବୋଲି ଭାବୁଥିଲେ । ୧୯୧୯ ମସିହା ଅକ୍ଟୋବର ୧୭ ତାରିଖକୁ ମୁସଲମାନ ମାନେ ଖିଲାଫତ ଦିବସ ଭାବେ ପାଳନ କରିଥିଲେ ଏବଂ ନଭେମ୍ବର ୨୩ ତାରିଖରେ ଦିଲ୍ଲୀରେ ଖିଲାଫତ ଆନ୍ଦୋଳନ ପାଇଁ ସମ୍ମିଳନୀର ଆୟୋଜନ କରିଥିଲେ । ଗାନ୍ଧୀ ମୁସଲମାନ ମାନଙ୍କ ସମର୍ଥନ ପାଇଁ ଖିଲାଫତ ଆନ୍ଦୋଳନକୁ ସମର୍ଥନ କରିଥିଲେ ଏବଂ ଅଖିଳ ଭାରତୀୟ ଖିଲାଫତ ସମ୍ମିଳନୀର ଅଧ୍ୟକ୍ଷ ହୋଇଥିଲେ । ଖିଲାଫତ ଆନ୍ଦୋଳନ ବେଳେ ୨୦୨୧ ମସିହା ଅଗଷ୍ଟ ୨୦ ତାରିଖରେ ଦକ୍ଷିଣ ମାଲାବାରଠାରେ ହିନ୍ଦୁଙ୍କ ବିରୁଦ୍ଧରେ ହିଁସାକାଣ୍ଡ ଘଟିଥିଲା ଓ ୨୫ ହଜାରରୁ ଅଧିକ ହିନ୍ଦୁଙ୍କ ହତ୍ୟା ହୋଇଥିଲା । ବାମପନ୍ଥୀ ଐତିହାସିକ ମାନେ ମୋପଲା ବିଦ୍ରୋହକୁ ଖିଲାଫତ ଆନ୍ଦୋଳନ ଠାରୁ ଭିନ୍ନ ବୋଲି ଦର୍ଶାଇବା ପାଇଁ ଉଦ୍ୟମ କରିଥିଲେ । କି'ୁ ତଥ୍ୟ ହେଉଛି ଏ ଦୁଇ ଆନ୍ଦୋଳନ ପରସ୍ପର ସହ ଜଡିତ । ମୋପାଲା ଆନ୍ଦୋଳନର ନେତା ଥିଲେ ଅଲି ମୁସଲିଆର ମସଜିଦର ଇମାମ । ସେ ମଧ୍ୟ ଖିଲାଫତ ଆନ୍ଦୋଳନର ପ୍ରମୁଖ ନେତା ଥିଲେ । ଖିଲାଫତ ଆନ୍ଦୋଳନ ବେଳେ ଇମାମଜଣକ ହିନ୍ଦୁ ଜମିଦାର ମାନଙ୍କୁ ଟାର୍ଗେଟ କରି ଭୂମିହୀନ ମୁସଲିମ କୃଷକ ମାନଙ୍କର ଏକ ସଂଗଠନ ଗଢ଼ିଥିଲେ । ପରବ□ୀ ସମୟରେ ଖିଲାଫତ ଆନ୍ଦୋଳନକୁ ସମର୍ଥନ କରିବା ତାଙ୍କର ଏକ ମସ୍ତବଡ଼ ଭୁଲ ଥିଲା ବୋଲି ନିଜେ ଗାନ୍ଧୀ ସ୍ୱୀକାର କରିଛ'' । ୨୦୨୨ ମସିହା ଫେବୃୟାରୀ ୪ତାରିଖରେ ଚୌରୀ ଚୌରା ଠାରେ ଘଟିଥିବା ହିଁସାକାଣ୍ଡ ପରେ ଗାନ୍ଧୀ ରାଲେଟ ଆକ୍ଟ ବିରୁଦ୍ଧରେ କରିଥିବା ସତ୍ୟାଗ୍ରହକୁ ପ୍ରତ୍ୟାହାର କଲାଭଳି ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ କରିଦେଇଥିଲେ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ : ୯୪୩୮୪୮୫୦୯୪*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Friday October 17 ଭୁବନେଶ୍ୱର ଶୁକ୍ରବାର, ୧୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୭୯ତମ ଜନ୍ମ ଦିବସ ପାଳନ:ସମୂହ ଦୀପ ଦାନ କରି ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଛି





ଧାମନଗର ,(ପି.ଏନ): ସାଢେ ଚାରିକୋଟି ଓଡ଼ିଆଙ୍କ ପ୍ରିୟ ଜନନେତା ତଥା ସ୍ୱଚ୍ଛ,ଶାନ୍ତ,ଦକ୍ଷ ଏବଂ ନିସ୍ୱାର୍ଥପରତାର ବିରଳ ବ୍ୟକ୍ତିତ୍ୱ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ମହା ଆଡମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ ବିଜେଡି ପକ୍ଷରୁ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନେତୃମଣ୍ଡଳୀ ଏବଂ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇ ବିଭିନ୍ନ ପଞ୍ଚାୟତ ସ୍ତରରେ ଜନ୍ମ ଦିବସ ପାଳନ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ସେହିପରି ଧାମନଗର ଏନ ଏ ସି ଅଞ୍ଚଳ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ ନିକଟରେ ସାଇ ମନ୍ଦିର ସମ୍ମୁଖରେ ନଗର ବିଜୁ ଜନତା ଦଳ ପକ୍ଷରୁ ସଭାପତି ବିଜୟ କେତନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ,କାଉନସିଲର ଜୟନୁଲ ହକ,ନଜମା ଖାତୁନ,ରହିମା ଖାତୁନ,ବିଜେଡି ନିର ସ୍ୱାଇଁ,ଭାସ୍କର ସାହୁ (ସନା),ସେକ ଜାଫର ଅଲ୍ଲୀ,ରବିନ୍ଦ୍ର ଯେନା,ରମେଶ ଚ଼ନ୍ଦ୍ର ଯେନା,ଶ୍ରୀଧର ମଳିକ,ସେକ ମୁରତୁଜା,ସେକ ସଲାଉଦ୍ଦିନ,ସେକ ମୁକ୍ତାର,ବେବୁଲି ପଟ୍ଟନାୟକ,ବୁଲୁ ମଲ୍ଲିକ,ଅଜୟ କୁମାର ବେହେରା, ଗୋ ?ରାଙ୍ଗ ଯେନା,ଦେବେନ୍ଦ୍ର ଯେନା,ମନୋଜ ବେହେରା, ମନୋରଞ୍ଜନ ମିଶ୍ର, ଶିବପ୍ରସାଦ ସାହୁ, ଅଭୟ ମଳିକଙ୍କ ସମେତ ସହର ଶତାଧିକ କର୍ମୀ ଓ ନେତା ଏବଂ ମହିଳା ପ୍ରମୁଖ ଉପସ୍ଥିତ ରହି କେକ୍ କାଟି ଜନ୍ମ ଉତ୍ସବ ପାଳନ କରି ସହ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସାଇ ମନ୍ଦିର ସମ୍ମୁଖରେ ସମୂହ ଦୀପ ଦାନ କରି ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଛି।

## ୟୁଥ୍ କନକ୍ଲେଭ,ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ-୨୦୨୫




ବାଲିପାଟଣା,(ପି.ଏନ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ୟୁଥ୍ କନକ୍ଲେଭ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ-୨୦୨୫ ଭୁବନେଶ୍ୱରସ୍ଥିତ ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିବା ସହ କାଞ୍ଚନ ଫାଉଣ୍ଡେସନର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ନାଲ୍ ?କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ମାନବସମ୍ବଳ ଆଶୁତୋଷ ରଥ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ପ୍ରବାସୀ ଓଡ଼ିଆ ବିଜେପି ରାଜ୍ୟ ମୁଖ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ ଓଡ଼ିଶା ସଂଗ୍ରାହଳୟର ପୂର୍ବତନ ନିର୍ଦ୍ଦେଶିକା ଭାଗ୍ୟଲିପି ମଲ୍ଲ, ରାଜଧାନୀ ପୁସ୍ତକ ମେଳାର ସଭାପତି ଡ.ଉପେନ୍ଦ୍ର ଜେନା, ସମାଜସେବୀ ସୁଚିସ୍ମିତା ତୃପ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କର୍ପୋରେଟ ଜଗତର ୧୫ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ କାଞ୍ଚନ କର୍ପୋରେଟ ଆ-୨୦୨୫ ପ୍ରଦାନ କରାଯାଇଥିଲା । ପରେ ପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭଶ୍ରୀ କଳାଶ୍ରୀନିକେତନର ଶୁଭଶ୍ରୀ ମହାନ୍ତି ଏବଂ ତାଙ୍କ ସାଥୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଜୟଶ୍ରୀ ଧଳ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ପରିଚ଼ାଳନା କରିଥିଲେ ଶୁଭୋଜିତ ପଣ୍ଡା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀଲିପି କୁମାର ପ୍ରଧାନ, ଦୀନବନ୍ଧୁ ଭୋଇ, ଜ୍ୟୋତିମୟ ପାଣି,ତପନ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ପରିଚ଼ାଳନା ରେ ସହଯୋଗ କରିଥିଲେ ।

## ଶିଶୁ ମହୋତ୍ସବ ଏବଂ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଗୁଦାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କଲାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଙ୍କ ଅନ୍ତଃର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗୀତା ଏବଂ ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ,ଶ୍ରୁତଲିଖନ,ସୁନ୍ଦର ହସ୍ତାକ୍ଷର ,ଚ଼ିତ୍ରାଙ୍କନ,କୁଇଜ,ସଙ୍ଗୀତ,ନୃତ୍ୟ,ପି.ଏମ ପୋଷଣ ଚ଼ିତ୍ରକଳା,ଶିଳ୍ପକଳା,ମୌଳିକ ସାକ୍ଷରତା,ସଂଖ୍ୟାଜ୍ଞାନ ଆଧାରିତ ଚ଼ିତ୍ରାଙ୍କନ,ଗଣିତ ଗୀତ,ଗଣିତ କୁଇଜ ଓ ଗଳ୍ପକଥନ ଭଳି ପ୍ରତିଯୋଗୀତା ଗୁଡିକ ଆୟୋଜିତ ହୋଇଥିଲା ।ଏଥିରେ ଗୁଦାରୀ କ୍ଲଷ୍ଟର ର ଦଶ ଗୋଟି ବିଦ୍ୟାଳୟର ୧୪୪ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଶେଷରେ ଶିଶୁ ମହୋତ୍ସବ ଆୟୋଜିତ ହୋଇଥିଲା,ଏଥିରେ ମୁଖ୍ୟ ଅତିଥି ଭାବେ ଟିଟ୍ରାପଙ୍ଗା ସରପଞ୍ଚ ସଂଜୀବ ଲୋଚ଼ନ ପ୍ରଧାନ ,ସଂମାନିତ ଅତିଥି ଭାବେ ଖଜୁରୀପଡା ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ,କଲାଡ଼ି ୱାର୍ଡ଼ ମେମ୍ବର ନରୋତ୍ତମ କହଁର, ମୋ ସ୍କୁଲ ଅଭିଯାନର ସଭାପତି ନୀଳାମ୍ବର କହଁର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆୟୋଜିତ ସଭାକୁ ସଭାପତିତ୍ୱ କରିଥିଲେ ମା ବରାଳଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀର ଚ଼ରଣ ମୁଦୁଲି !ମୁଖ୍ୟ ବକ୍ତା ଭାବେ ଖଜୁରୀପଡା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ମଲ୍ଲିକ ଯୋଗ ଦେଇଥିବା ବେଳେ ଗୁଦାରୀ ସି.ଆର.ସି.ସି ସୁଜାତା କୁମାରୀ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମର ସୁପରିଚ଼ାଳନା କରିଥିଲେ !ମୂଳଗୁଦାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରି ସଂଯୁକ୍ତା ଦିଗାଲ ମଞ୍ଚ ପରିଚ଼ାଳନା କରିଥିବା ବେଳେ କଲାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ସୁବାସିନୀ ରଣଭଇଂସା,ଟିଟ୍ରାପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚ଼ାଳନାରେ ସହଯୋଗ !ଶେଷରେ ମୁଖ୍ୟ ଅତିଥି ଏବଂ ସଂମାନିତ ଅତିଥି ମାନେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ସହିତ ପୁରସ୍କାର ବଣ୍ଟନ କରିଥିଲେ ।

## କେନ୍ଦ୍ରାପଡା ମହାବିଦ୍ୟାଳୟରେ ଯୁବରେଡକ୍ରସର ନବାଗତଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚୟ ଓ ସ୍ୱାଗତ ନିମନ୍ତେ ଏକ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସର ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକ ସଂଯୋଜନା କରିଥିଲେ। ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜାତୀୟ ଯୁବପ୍ରକଳ୍ପର ରାଜ୍ୟ ସଂଯୋଜକ ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇ.କ୍ୟୁ.ଏ.ସି. ସଂଯୋଜିକା ଡ. ଦିପ୍ତୀ ରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୁବରେଡକ୍ରସରେ ନୂଆ କରି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ସେମାନେ ନିଜ ନିଜର ପରିଚୟ ପ୍ରଦାନ କରି ରେଡକ୍ରସରେ ଯୋଡିହେବାର କାରଣ ଦର୍ଶାଇଥିଲେ। ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ନବାଗତଙ୍କୁ ସମ୍ମୋହିତ କରିବା ସହ ରେଡକ୍ରସ ଚିହ୍ନିତ ଟୋପି ପ୍ରଦାନ କରି ଉତ୍ସାହିତ କରିଥିଲେ। ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ଶ୍ରୀ ନାୟକ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ନିଜ କ ର୍ବ୍ୟ ପ୍ରତି ଅବଗତ କରାଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଜେନା ରେଡକ୍ରସ ୟୁନିଟକୁ ମହାବିଦ୍ୟାଳୟର ଗୌରବ ବୋଲି ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଯୁବରେଡକ୍ରସର ସ୍ୱେଚ୍ଛାସେବୀ ମନୋଜ କୁମାର ଲେଙ୍କା, ଭବାନିଶଙ୍କର ପ୍ରଧାନ,ଉମେଶ ଆଚାର୍ଯ୍ୟ, ପ୍ରତିଭା ରାୟ, ଅର୍ପିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ପାଳିତ




ପାରାଦୀପ,(ପି.ଏନ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ସକାଳେ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିବା ଉଦ୍ଦେଶ୍ୟରେ ନଗର ସଭାପତି ତଥା ପାରାଦୀପ ନଗରପାଳ ବସ' ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପାରାଦୀପର ବିଭିନ୍ନ ଦେବାଳୟମାନଙ୍କରେ ପୂଜାପାଠ କରାଯାଇଥିଲା । ସଂନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନଗର ସଭାପତି ତଥା ପାରାଦୀପ ନଗରପାଳ ବସ' ବିଶ୍ୱାଳ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ନଗର ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ କେ. ଜଗନ୍ନାଥ ରାଓ, ପାରିଷଦ ଅଜିତ କୁମାର ଷଡଙ୍ଗୀ,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ପୂର୍ବତନ ପାରିଷଦ ଚପଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଭାସ୍କର ଚନ୍ଦ୍ର ସାହୁ, ପୂର୍ବତନ ପାରିଷଦ ଅଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଓ ନୀରାମୟ ଜୀବନ କାମନା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନଗର ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ । ପ୍ରାୟ ହଜାରେରୁ ଊର୍ଦ୍ଧ ପାରାଦୀପ ବିଜୁ ଜନତା ଦଳର କର୍ମୀ, ପାରିଷଦ, ମହିଳା, ଯୁବ,ଛାତ୍ର କର୍ମୀ ଓ ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray